# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**14 October – 2024**

**News Editor : *Tapan Kumar Moharana***

## ରାଧାଦାମୋଦର ବେଶ

**ପୁରୀ** ଶ୍ରୀମନ୍ଦିରରେ ଆଜିଠାରୁ କାର୍ତ୍ତିକ ନୀତି ଆରମ୍ଭ ହେବା ସହ ଶ୍ରୀଜୀଉମାନଙ୍କର ରାଧାଦାମୋଦର ବେଶ ଅନୁଷ୍ଠିତ ହେଉଛି। ଆଜି ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥିଠାରୁ ଶ୍ରୀମନ୍ଦିରରେ ୧ ମାସ ଧରି ମହାକାର୍ତ୍ତିକ ନୀତି ଅନୁଷ୍ଠିତ ହେବ। ପ୍ରତ୍ୟେହ ଭୋର ୪ଟାରୁ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି କରାଯିବା ନେଇ ନିତି ନିର୍ଘଣ୍ଟ ସ୍ଥିର କରାଯାଇଛି । ରାଧାଦାମୋଦର ବେଶ କାର୍ତ୍ତିକମାସ ଶୁକ୍ଳପକ୍ଷ ଦଶମୀ ପର୍ଯ୍ୟନ୍ତ କରାଯିବ।

## ଭସାଣ ଟ୍ରାଫିକ କଟକଣା

ରାଜ୍ୟରେ ବିଭିନ୍ନ ସ୍ଥାନରେ ଆଜି ମା' ଦୁର୍ଗାଙ୍କ ଭସାଣ ଉତ୍ସବ ଅନୁଷ୍ଠିତ ହେଉଛି । ଭୁବନେଶ୍ୱର ଓ କଟକ ସହରରେ ଭସାଣ ଉତ୍ସବ ପାଇଁ କମିଶନରେଟ ପୋଲିସ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଆଜି ସକାଳ ୮ଟାରୁ ଆସନ୍ତାକାଲି ପ୍ରତିମାଗୁଡ଼ିକ ବିସର୍ଜନ ଶେଷ ହେବା ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ। ମୁଖ୍ୟ ଛକଗୁଡ଼ିକରେ ଟ୍ରାଫିକ ନିୟମ ଅନୁଯାୟୀ ଶୋଭାଯାତ୍ରା ପାଇଁ ଅନୁମତି ଦିଆଯାଇଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

## ମୁଖ୍ୟମନ୍ତ୍ରୀ- ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଆଜି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସୂଚନା ଅନୁସାରେ  ଦୁର୍ଗାପୂଜା ଭସାଣ ଓ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ଥିବାରୁ ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଶୁଣାଣି ବନ୍ଦ ରହିବ।

## ରାବଣ ପୋଡି

ଶାରଦୀୟ ଦୁର୍ଗାପୂଜାର ଶେଷ ଦିବସ ବିଜୟା ଦଶମୀରେ ଭୁବନେଶ୍ୱର, କଟକ, ପୁରୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଗତକାଲି ରାତିରେ ରାବଣ ପୋଡି ଅନୁଷ୍ଠିତ ହୋଇଛି । ରାଜଧାନୀର ୧୦ଟି ସ୍ଥାନରେ ଆୟୋଜିତ ରାବଣ ପୋଡି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିଲା । ସେହିଭଳି କଟକ ବାଲିଯାତ୍ରା ପଡିଆ ଓ ପୁରୀରେ ଆୟୋଜିତ ରାବଣ ପୋଡିରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା ।

ଅନ୍ୟପକ୍ଷରେ ବିଜୟା ଦଶମୀରେ ଭଦ୍ରକ ଜିଲ୍ଲା ଅନ୍ନପାଳ ପଞ୍ଚାୟତ ଦୁର୍ଗା ପଡିଆରେ ରାବଣ ପୋଡି ଉତ୍ସବ ସହିତ ବଳଦ  ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି ।

## ହାତଧୂଆ ଅଭ୍ୟାସ

ରାଜ୍ୟର ସମସ୍ତ ପ୍ରାଥମିକ ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟରେ ପୂର୍ବବର୍ଷ ଭଳି ଚଳିତଥର ମଧ୍ୟ ବିଶ୍ୱ ହାତଧୂଆ ଦିବସ ପାଳନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ନଭେମ୍ବର ମାସ ୧୪ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ହାତଧୂଆ ଅଭ୍ୟାସ କରାଯିବ। ଏକ ମାସ ଧରି ଆସନ୍ତା ନଭେମ୍ବର ମାସ ୧୪ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ହାତଧୁଆ ଅଭ୍ୟାସ କରାଯିବ । ଏ ସମ୍ପର୍କରେ ଓସେପା ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଚଳିତବର୍ଷ ବିଶ୍ୱ ହାତଧୁଆ ଦିବସର ବାର୍ତ୍ତା ରହିଛି 'କାହିଁକି ସ୍ୱଚ୍ଛ ହାତ ଗୁରୁତ୍ୱପୂର୍ଣ୍ଣ' ।

## ପୁରୁଣା ମାମଲା

ରାଜସ୍ୱ ପର୍ଷଦ ଓ ଏହା ଅଧୀନରେ କାର୍ଯ୍ୟ କରୁଥିବା ଅଦାଲତ ଗୁଡିକର କାର୍ଯ୍ୟଧାରାକୁ ବ୍ୟବସ୍ଥିତ କରିବା ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ସତ୍ୟପାଠ ଜରିଆରେ ରାଜ୍ୟ ସରକାର ଅଦାଲତରେ ରିପୋର୍ଟ ଦାଖଲ କରିଛନ୍ତି । ରାଜସ୍ୱ ଅଦାଲତ ଗୁଡିକରେ ବିଚାରାଧୀନ ୧ଲକ୍ଷ ୩୧ହଜାରରୁ ଅଧିକ ଜମିଜମା ମାମଲାର ତ୍ୱରିତ ଫଇସଲା ପାଇଁ ପ୍ରତି ସପ୍ତାହରେ ତିନିଦିନ ଶୁଣାଣି କରାଯିବ । ପ୍ରତି ଶୁଣାଣିରେ ୫୦ଟି ପୁରୁଣା ମାମଲା ତାଲିକାଭୁକ୍ତ ହେବ । ନୂତନ ମାମଲାଗୁଡିକର ଆସନ୍ତା ୬ମାସ

ମଧ୍ୟରେ ଶୁଣାଣି ହେବ ବୋଲି ସରକାରଙ୍କ ପକ୍ଷରୁ ସତ୍ୟପାଠରେ ଉଲ୍ଲେଖ ରହିଛି । ସତ୍ୟପାଠ ଅନୁଯାୟୀ ବିଚାରଧୀନ ମାମଲାଗୁଡିକର ତ୍ୱରିତ ଫଇସଲା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

# ମୋଟର ଯାନ ଟିକସ

ମୋଟରଯାନ ଟିକସ, ଅତିରିକ୍ତ ଟିକସ, ଜରିମାନାର ଏକକାଳୀନ ସମାଧାନ ଆଦି ଯୋଜନାର ସୁବିଧା ନେବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ, ବାଣିଜ୍ୟ ଓ ପରିବହନ ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ଆହ୍ୱାନ କରାଯାଇଛି । ବାଣିଜ୍ୟିକ, କୃଷିଭିତ୍ତିକ, ତିନିଚକିଆ ଆଦି ମୋଟରଯାନ ପାଇଁ ୩୧ମାର୍ଚ୍ଚ ୨୦୨୨ ପୂର୍ବର ବକେୟା ଟିକସ ଏକକାଳୀନ ପୈଠ କଲେ ୧୦୦ ପ୍ରତିଶତ ଜରିମାନା ରାଶି ଛାଡର ସୁବିଧା ରହିଛି । ଗାଡି ସ୍କ୍ରାପିଂ କରିବାକୁ ଚାହିଁଲେ ୧୦୦ପ୍ରତିଶତ ବକେୟା ଛାଡର ମଧ୍ୟ ସୁବିଧା ମିଳିବ । ଏହି ଯୋଜନାର ସୁବିଧା ନେବାର ଶେଷ ତାରିଖ ଆସନ୍ତା ଡିସେମ୍ବର ମାସ ୨୬ତାରିଖ ରହିଛି ।

## ମାଗଣା ମହାପ୍ରସାଦ

ପୁରୀ ଶ୍ରୀମନ୍ଦିରରେ ଭକ୍ତଙ୍କୁ ମାଗଣା ମହାପ୍ରସାଦ କୁଡୁଆ ମିଳିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ସେ କହିଛନ୍ତି, ରାଜ୍ୟ ସରକାର ଖୁବ୍‌ଶୀଘ୍ର ଏହି ଯୋଜନା ଆରମ୍ଭ କରିବେ । ରାଜ୍ୟ ତଥା ରାଜ୍ୟ ବାହାରୁ

ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ମହାପ୍ରସାଦ କୁଡୁଆ ଦିଆଯିବ। ଏଥି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଆଇନ୍ ମନ୍ତ୍ରୀ କହିଛନ୍ତି।

# ପାଣିପାଗ

ଓଡିଶାରୁ ଆସନ୍ତାକାଲି ସୁଦ୍ଧା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଗତ କିଛିଦିନ ଧରି ରାଜ୍ୟରେ ମୌସୁମୀର ସ୍ଥିତି ଦୁର୍ବଳ ରହିବା ସହିତ ବର୍ଷାର ପରିମାଣ କମିଛି। ଚଳିତବର୍ଷ ସ୍ୱାଭାବିକ ସମୟର ଚାରିଦିନ ପୂର୍ବରୁ ମୌସୁମୀ ଓଡିଶା ଛୁଇଁଥିଲା । କେରଳ ତଟ ଛୁଇଁବାର ୮ଦିନ ପରେ ମୌସୁମୀ ଓଡିଶା ପ୍ରବେଶ କରିଥିଲା । ଚଳିତବର୍ଷ ମୌସୁମୀ ଋତୁରେ ଜୁନ ପହିଲାରୁ ସେପ୍ଟେମ୍ବର ମାସ ଶେଷ ପର୍ଯ୍ୟନ୍ତ ୧୧ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା । ରାଜ୍ୟରେ ଏହି ସମୟ ମଧ୍ୟରେ ୧ହଜାର ୯୨ମିଲିମିଟର ବର୍ଷା ହୋଇଥିଲା, ଯାହା କି ସ୍ୱାଭାବିକ ବର୍ଷାଠାରୁ ୫ ପ୍ରତିଶତ କମ୍ ଥିଲା । ମାଲକାନଗିରି ଜିଲ୍ଲାରେ ସର୍ବାଧିକ ବର୍ଷା ହୋଇଥିଲା । ମାଲକାନଗିରି ଜିଲ୍ଲାରେ  ସ୍ୱାଭାବିକଠାରୁ ୫୬ ପ୍ରତିଶତ ଏବଂ ନୂଆପଡା ଜିଲ୍ଲାରେ ୧୩ପ୍ରତିଶତ ଅଧିକା ବର୍ଷା ହୋଇଥିଲା । ୨୪ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବାବେଳେ ୪ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିଲ ।